# ଥରେ ଥରେ ଆପଣ ବି ଲଙ୍ଗଳା ହୁଅନ୍ତୁ

ବୁଶ୍‌ଙ୍କ ଡିସେମ୍ବର ୨୦୦୮ ଇରାକ୍ ଗସ୍ତ (ସାମ୍ବାଦିକ ସମ୍ମିଳନୀ) ସମୟରେ ତାଙ୍କ ଉପରକୁ ଯୋଉ ଜୋତା ହଳକ ଫିଙ୍ଗା ଯାଇଥିଲା, ସେଥିରେ ସେ ଶାରୀରିକ ଭାବେ ଆହତ ହୋଇ ନ ଥିଲେ ସତ, କିନ୍ତୁ ଜୋତା ଦୁଇଟି ସାଙ୍କେତିକ ପ୍ରତିକ୍ରିୟା ଥିଲା ଇରାକ୍‌ବାସୀଙ୍କର ବୁଶ୍‌ଙ୍କ ପ୍ରତି। ଇରାକ୍ ଉପରେ ଲଦି ଦିଆଯାଇଥିବା ପ୍ରତ୍ୟକ୍ଷ ଯୁଦ୍ଧ ହୁଏତ ଶେଷ ହୋଇଛି । କିନ୍ତୁ ହାଇଟେକ୍ ବାରୁଦର ନିଆଁ ଆଜି ବି ଲିଭି ନାହିଁ । ଗଣତନ୍ତ୍ର ପ୍ରତିଷ୍ଠା ନାଁରେ ସାମ୍ରାଜ୍ୟବାଦର ଉତ୍କଟ ଇନ୍ଧନ ଏବେ ବି ଇରାକ୍ ଭୂଇଁରେ ଦିକ୍ ଦିକ୍ ଜଳୁଛି । ଅଳ୍ପ କେତେଦିନ ଆଗରୁ ଏକ ବିଦାୟକାଳୀନ ଅଭିଭାଷଣରେ ବୁଶ୍ ତାଙ୍କ ଶାସନକାଳରେ କିଛି ଭୁଲଭଟକା ରହିଗଲା ବୋଲି ସ୍ୱୀକାର ଅବଶ୍ୟ କରିଛନ୍ତି, କିନ୍ତୁ ସେ ମସ୍ତବଡ ଭୁଲ ଯେ ଇରାକ୍, ଏ କଥା ସେ ଆଦୌ ସ୍ପଷ୍ଟ କରିନାହାନ୍ତି । ସାମ୍ବାଦିକ ଅଲ୍ ଜେଇଦି ଫୋପାଡିଥିବା ଜୋତା ହଳକ ଦଶ ନମ୍ବରର ଥିଲା ବୋଲି କହି ବୁଶ୍ ଲଘୁ ପରିହାସ ଛଳରେ ଯାହା ଏଡେଇ ଯିବା ପାଇଁ ଚେଷ୍ଟା କରିଛନ୍ତି ତାହା ଅବଶିଷ୍ଟ ପୃଥିବୀ ପାଇଁ ମହା ପ୍ରତିବାଦର ସଙ୍କେତ ହୋଇ ଇତିହାସ ପାଲଟି ସାରିଛି । ଗୋଟାଏ ପରାକ୍ରମୀ ତଥା ଜିଦ୍‌ଖୋର ସାମରିକ ଶକ୍ତିର ଅସଂଗତ କାର୍ଯ୍ୟାନୁଷ୍ଠାନ ବିରୋଧରେ ଜାତିସଂଘ ସମେତ ତମାମ ପୃଥିବୀ ଯାହା କରିପାରି ନ ଥିଲା, ଜଣେ ନିର୍ଭୀକ ଦେଶପ୍ରେମୀ ସାମ୍ବାଦିକଙ୍କ ହଳେ ସାଧାରଣ ଜୋତା ତା'ଠୁ ଯଥେଷ୍ଟ ଅଧିକ ପ୍ରତିବାଦ କରିପାରିଛି ।

ଏବେ ପାଠକମାନଙ୍କୁ ସ୍ମରଣ କରାଇ ଦେଉଛି ୨୦୦୪ର ଏକ ଚର୍ଚ୍ଚିତ ଘଟଣା, ଯାହା ଘଟିଥିଲା ମଣିପୁରରେ । ଜୁଲାଇ ୧୧,୨୦୦୪ରେ ଇମ୍ଫାଲ ନିକଟବର୍ତ୍ତୀ ଗୋଟିଏ ଗାଁରେ ଗିରଫ ପରୱାନା ବଳରେ ଆସାମ ରାଇଫଲସ୍‌ର ଜବାନମାନେ ଉଠେଇ ନେଇଥିଲେ ୩୨ବର୍ଷ ବୟସ୍କା ମନୋରମାଙ୍କୁ । ପରଦିନ ସକାଳୁ ଆଉ ଏକ ଗାଁରେ ପରିତ୍ୟକ୍ତ ଅବସ୍ଥାରେ ମିଳିଥିଲା ମନୋରମାଙ୍କ ଶବ । ଦେହରେ ପିନ୍ଧା ଲୁଗା ନ ଥିଲା,

ବରଂ ଥିଲା ବାୟୋନଟ୍ ଏବଂ ଗୁଳିମାଡର କ୍ଷତ । ଚାହୁଁ ଚାହୁଁ ଏ ଖବର ବ୍ୟାପିଗଲା ଏବଂ ଲୋକେ ଏକଜୁଟ ହେଲେ। ଆର୍ମି ଏମିତି ଅସୁବିଧାରେ ପଡ଼ିବ ବୋଲି ଆଶା କରି ନ ଥିଲା । ମନୋରମାଙ୍କୁ ଧର୍ଷଣ ଏବଂ ହତ୍ୟା କରାଯାଇ ନାହିଁ ବୋଲି ଆସାମ ରାଇଫଲ୍ସର ସଫେଇ ବିଲକୁଲ୍ କାମ ଦେଲା ନାହିଁ । ମଣିପୁରର ୩୨ଟି ଅନୁଷ୍ଠାନ ତରଫରୁ ଦିଆଯାଇଥିଲା ବନ୍ଦ ଡାକରା । ଜୁଲାଇ ୧୨, ୨୦୦୪ ମଧ୍ୟରାତ୍ରରୁ ଜୁଲାଇ ୧୪ ମଧ୍ୟରାତ୍ର ପର୍ଯ୍ୟନ୍ତ ଜୀବନଯାତ୍ରା ଠପ୍ ହୋଇଗଲା । ୧୫ ଜୁଲାଇ ୨୦୦୪ରେ ଯେତେବେଳେ ମଣିପୁର ସାରା ବିକ୍ଷୋଭ ତଥାପି ଅବ୍ୟାହତ ରହିଥିଲା, କାଙ୍ଗଲା ଗେଟ୍‌ଠି ଅବସ୍ଥିତ ଆସାମ୍ ରାଇଫଲ୍ସର କାର୍ଯ୍ୟାଳୟ ଆଗରେ ପହଞ୍ଚିଲେ ଦଳେ ମହିଳା-ପ୍ଲାକାର୍ଡ ଧରି, ସ୍ଲୋଗାନ୍ ଦେଇ । ଠିକ୍ ମୁଖ୍ୟ ଫାଟକ ଆଗରେ ଜବାନମାନଙ୍କୁ ଅବାକ୍ କରି ୧୨ ଜଣ ମଧ୍ୟବୟସ୍କ ମହିଳା ସେମାନଙ୍କର ସବୁ ପୋଷାକ ଗୋଟି ଗୋଟି ଉତାରି ପକେଇଲେ ଏବଂ ଚିତ୍କାର କଲେ, 'ଭାରତୀୟ ଆର୍ମି, ଆସ, ଆଉ ବିଳମ୍ବ ନ କରି ଆମକୁ ଧର୍ଷଣ କର ।' ହତଭମ୍ବ ହୋଇ ସେଦିନ ଠିଆ ହୋଇଥିଲେ ସୁରକ୍ଷା ବାହିନୀ । ପ୍ରତିବାଦର ଚେହେରା ଯେ ଏତେ ତୀବ୍ର ହୋଇପାରେ, ଏ ଧାରଣା ସେମାନଙ୍କର ନ ଥିଲା ।

ଅନ୍ୟାୟର ପ୍ରତିବାଦ କରିବା କୌଣସି ଦାମୀ ଡିଗ୍ରିର ପାଠ ନୁହେଁ । ତାଲିମ୍ ବି ନୁହେଁ । ଉପଯୁକ୍ତ ସମୟରେ ଅନ୍ୟାୟର ପ୍ରତିବାଦ କରିବା ଏକ ସ୍ୱାଭାବିକ ପ୍ରତିକ୍ରିୟା । ଏହାର ଉଭୟ ବ୍ୟକ୍ତିଗତ ଏବଂ ସାମୂହିକ ଦିଗ ରହିଛି । ସମାଜରେ ସୃଜନାତ୍ମକ ଜୀବନ ବଞ୍ଚିବା ପାଇଁ ଆବଶ୍ୟକତା ରହିଛି ଉଭୟର । ତେବେ ଦୁର୍ଭାଗ୍ୟ ହେଉଛି ଓଡ଼ିଶାରେ ଉଭୟ ପ୍ରତିବାଦର ଲକ୍ଷଣୀୟ ଅନୁପସ୍ଥିତି। ପ୍ରତିବାଦ କରିବା ସକାଶେ ଦରକାର ଯଥାର୍ଥ ଅସନ୍ତୋଷ । ହେଲେ ସେ ଦୃଷ୍ଟିରୁ ଆମ ରାଜ୍ୟରେ କୌଣସି ଅଜ୍ଞାତ କାରଣରୁ ଅସନ୍ତୁଷ୍ଟଙ୍କ ସଂଖ୍ୟା ଯଥେଷ୍ଟ କମ୍ । କୌଣସି ପ୍ରଶ୍ନ ବିଲକୁଲ୍ ନ ପଚାରି ସୁନାପିଲା ପରି ଯାହା ମିଳୁଛି ସେତିକିରେ ସନ୍ତୁଷ୍ଟ ହୋଇ ରହିବା (ଦି-ଟଙ୍କିଆ ଚାଉଳ ଏବଂ ବର୍ଦ୍ଧିତ ଦରମା ନେଇ ମଝିରେ ମଝିରେ ମଠ ବା ମନ୍ଦିରକୁ ଯିବା, ପ୍ରବଚନ ଶୁଣିବା) ଏବଂ ତଥାକଥିତ 'ଶାନ୍ତିପ୍ରିୟ' ଅଧିବାସୀ ବୋଲେଇବା ଆମର ଯେମିତି ଚରିତ୍ରଗତ ହୋଇସାରିଛି । ମୁଖ୍ୟସ୍ରୋତରୁ ବାହାରି ଲେନିନ୍ କୁମାରଙ୍କ ପରି ବିକଳ୍ପର କଥା କହିବା ଏବଂ ସେଥିପାଇଁ କଷ୍ଟ ସହିବା ଲୋକଙ୍କ ସଂଖ୍ୟା ଆମ ଗହଣରେ ଏତେ କମିଗଲାଣି ଯେ ଆମ ଭୌଗୋଳିକ ସୀମା ସରହଦ ବାହାରେ 'ଶାନ୍ତିପ୍ରିୟ ରାଜ୍ୟ' ଭାବରେ ଓଡ଼ିଶାର ଏକ କୁଖ୍ୟାତି ରଟିଗଲାଣି । ଏଇ ସମୟରେ ଭୁବନେଶ୍ୱରର ଜଣେ ବାସହୀନ ମହିଳା ବିରଳ ସାହସ ତଥା ଅସନ୍ତୋଷର ପରିଚୟ ଦେଇଛନ୍ତି । ମାଷ୍ଟରକ୍ୟାଣ୍ଟିନ୍ ଛକ ପାଖରେ ଗତ ଜାନୁୟାରୀ ୧୪ ତାରିଖ ଦିନ ବିଏମସି ତରଫରୁ ଜବରଦଖଲ ଉଚ୍ଛେଦ ଚାଲିଥିବା ବେଳେ ମହିଳା ଜଣକୁ ତାଙ୍କର ନାମକୁ ମାତ୍ର କୁଡ଼ିଆରୁ ଯତ୍‌କିଞ୍ଚିତ୍ ବ୍ୟବହାର୍ଯ୍ୟ ସାମଗ୍ରୀ କାଢ଼ି ନେବା ପାଇଁ ଆଦୌ ସମୟ ଦିଆଯାଇ ନ ଥିଲା ।

ସେଇ ପାଖରେ ଥିବା ଗୋଟାଏ ବିଦେଶୀ ମଦ ଦୋକାନୀଙ୍କୁ କିନ୍ତୁ ମିଳିଥିଲା ପର୍ଯ୍ୟାପ୍ତ ସମୟ- ମାଲପତ୍ର ବୋହି ନେବା ପାଇଁ । ବୁଲଡୋଜର୍ ମହିଳାଙ୍କ କୁଡିଆ ମାଟିରେ ମିଶେଇ ଦେବା ପରେ ପ୍ରଶାସନର ପକ୍ଷପାତିତା ଏବଂ ସମ୍ବେଦନହୀନତା ବିରୁଦ୍ଧରେ ମହିଳା ଜଣକ ସଚିବାଳୟର ମୁଖ୍ୟ ଫାଟକ ପାଖରେ ପହଞ୍ଚିଥିଲେ। ପ୍ରବେଶ ପଥରେ ସୁରକ୍ଷା କର୍ମୀମାନେ ବାଧା ଦିଅନ୍ତେ, ଅସହାୟବୋଧ ଏବଂ କ୍ରୋଧରେ ମହିଳା ଜଣକ ନିଜର ପୋଷାକ ଉତାରି ଦେଇଥିଲେ ଏବଂ ହାତ କଚାଡି କାନ୍ଦିଥିଲେ ପୁଲିସ୍ ଗାଡିରେ ବୁହା ହୋଇଯିବା ପର୍ଯ୍ୟନ୍ତ । ବିଏମସି ସୌନ୍ଦର୍ଯ୍ୟୀକରଣ ଅଭିଯାନରେ ଏଇ ଅଣପାରମ୍ପରିକ ପ୍ରତିବାଦ ଆଗରୁ ଆଉ ଏକ ଉଲ୍ଲେଖଯୋଗ୍ୟ ଘଟଣା ଘଟିଥିଲା ୨୦୦୮ର ଶେଷ ଚରଣରେ, ଯେତେବେଳେ ଜୟଦେବ ଭବନ ଆଗରେ ଥିବା ଏକ ଗଛ ଡାଳରେ ବେକରେ ନୂଆ ଗାମୁଛା ଲଗେଇ ଆତ୍ମହତ୍ୟା କରିଥିଲେ ଜଣେ ଉଠାଦୋକାନୀ । ବିଏମସିର ଆଶ୍ୱାସନା ମୁତାବକ ତାଙ୍କୁ ଠିକ୍ ସମୟରେ ଭେଣ୍ଡିଂ ଜୋନ୍‌ରେ ଦୋକାନଟିଏ ମିଳି ନ ଥିଲା । ତତ୍ପର ରାଜଧାନୀ ପୁଲିସ୍ ଆତ୍ମହତ୍ୟାର କେତେ ମିନିଟ୍ ପରେ ବିଚକ୍ଷଣ ବିକ୍ରମାଦିତ୍ୟ ଝୁଲନ୍ତ ଶବକୁ ଉତାରିବା ପରି ଲୋକଟିର ଶବକୁ ଉତାରି ଅବଶ୍ୟ ଆଣିଥିଲେ, କିନ୍ତୁ ଲାଗୁଥିଲା, ଜୟଦେବ ଭବନ ଆଗରେ ଏହାର ଅନେକ ଦିନ ପର୍ଯ୍ୟନ୍ତ ସେ ଲୋକର ଶବଟି ଯେମିତି ଲଟକି ରହିଛି ଏବଂ ବିକ୍ରମାଦିତ୍ୟଙ୍କୁ ତାର ପରବର୍ତ୍ତୀ ପ୍ରଶ୍ନ ପଚାରୁଛି: 'ମତେ ଦୋକାନ କେବେ ମିଳିବ ?'

ଗତ ୧୦ ବର୍ଷରୁ ଅଧିକ କାଳ ଧରି ଚାଲିଥିବା ରାଜଧାନୀର ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟକ୍ରମ ବିରୋଧରେ ବସ୍ତିବାସିନ୍ଦା ଏବଂ ଉଠାଦୋକାନୀମାନଙ୍କ ବିକ୍ଷୋଭର ଇତିହାସ ବେଶ୍ ଲମ୍ବା । ସେଥିରେ ଆଗରୁ ଲାଠିମାଡ ସ୍ଥାନ ପାଇଛି । ଟାୟାର ପୋଡା, ରାସ୍ତାରୋକୋ ସ୍ଥାନ ପାଇଛି, ବସ୍ତି, ବାସିନ୍ଦାମାନେ ଧନୁତୀର ଏବଂ ଟାଙ୍ଗିଆ ଧରି ଉଚ୍ଛେଦକାରୀଙ୍କ ସମ୍ମୁଖୀନ ମଧ୍ୟ ହୋଇଛନ୍ତି (୧୩।୯।୨୦୦୮)। ତେବେ ବ୍ୟବସ୍ଥାର ନୃଶଂସତା ବିରୋଧରେ ଅସହାୟ ମଣିଷଟିଏ ଠିଆ ହୋଇ ପାରୁନାହିଁ ବୋଲି ସେ ଆତ୍ମହତ୍ୟା କରୁଛି ଏବଂ ଲଜ୍ଜାକୁ ଆପଣାର ସବୁଠୁ ବଡ ସମ୍ପଦ ବୋଲି ଭାବୁଥିବା ନାରୀ ତାର ପୋଷାକ ଉତାରି ଅନ୍ୟାୟର ପ୍ରତିବାଦ କରୁଛି, ଏହା ସ୍ପଷ୍ଟ ଇଙ୍ଗିତ କରୁଛି ଯେ ଆମ ବ୍ୟବସ୍ଥାରେ ଶାସନରେ ବହୁଧରଣର ତ୍ରୁଟି ରହିଯାଇଛି । ଭୁବନେଶ୍ୱର ସମେତ ଅନ୍ୟ ଯେ କୌଣସି ସହରର ସୌନ୍ଦର୍ଯ୍ୟକରଣକୁ ସିଭିଲ୍ ସୋସାଇଟି ବିରୋଧ କରିବ ନାହିଁ ; ସିମେଣ୍ଟ ନଚେତ୍ ଫାଇବରର ହରିଣ/ବଣ୍ଢେଇ ପାର୍କରେ ଲଗାଗଲେ ସେସବୁକୁ ନଷ୍ଟ ବି କରିବ ନାହିଁ; ତେବେ ଏହାର ଅର୍ଥ ନୁହେଁ ଯେ, ସମସ୍ତେ ଏଠି ପ୍ରତିକ୍ରିୟାହୀନ ଏବଂ କ୍ଲୀବ ବୋଲି ଭାବି ବ୍ୟବସ୍ଥା ସଂସ୍କାର ନାଁରେ ବୁଲଡୋଜରକୁ ହିଁ ସାବ୍ୟସ୍ତ କରିବ । ମହିଳା ଜଣଙ୍କ ଜାଗାରେ ରାଜାଥିଲେ ସେ ହୁଏତ ବିବସ୍ତ୍ର ହୋଇ ନ ଥାନ୍ତେ, ଉପବାସ କରିଥାନ୍ତେ। ତେବେ ମହିଳା ଜଣଙ୍କର ପ୍ରତିବାଦଟି ମଧ୍ୟ କୌଣସି ଗୁଣରେ କମ୍ ଉଲ୍ଲେଖନୀୟ ନୁହେଁ।

ବ୍ୟକ୍ତିଗତ ସ୍ତରରେ ଏବଂ ରାଜ୍ୟର ସାମ୍ପ୍ରତିକ ସ୍ଥିତିରେ ମହିଳାଙ୍କ ପ୍ରତିବାଦର ମାର୍ଗ ବିରଳ ପର୍ଯ୍ୟାୟର । ନିଃସନ୍ଦେହ, ଏହା ଇତିହାସର ଉପାଦାନ।

ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ 'ୟୁଟିଲିଟାରିଆନିଜିମ୍'ରେ ଦାର୍ଶନିକ ଜନ୍ ଷ୍ଟୁଆର୍ଟ ମିଲ୍ 'ସନ୍ତୁଷ୍ଟ ମଣିଷ'କୁ ତୁଳନା କରିଛନ୍ତି 'ସନ୍ତୁଷ୍ଟ ଘୁଷୁରୀ' ସାଙ୍ଗରେ । ଅସନ୍ତୁଷ୍ଟଙ୍କୁ ମହାତ୍ମା ସକ୍ରେଟିସ୍‌ଙ୍କ ସହିତ। ପ୍ରୟୋଜନବାଦୀ ଦାର୍ଶନିକ ମିଲ୍‌ଙ୍କ ମତରେ ଘୁଷୁରୀର ସନ୍ତୋଷ ମଧ୍ୟ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଏଇ ସନ୍ତୋଷ ତୁଳନାତ୍ମକ ଭାବେ ନିମ୍ନ ପର୍ଯ୍ୟାୟର । ଘୁଷୁରୀର ସନ୍ତୋଷ ପଙ୍କରେ ଆଇଟୁ ପାଇଟୁ ହୋଇ ଶୋଇପଡିବାର ସନ୍ତୋଷ, ହଳିଲାପାଣିକୁ ଗୋଡ ନ ବଢେଇ ଘୁଙ୍ଗୁଡି ମାରିବାର ସନ୍ତୋଷ। ବିନା ପ୍ରଶ୍ନରେ ନିଜ ଚାରିପାଖର ପୃଥିବୀକୁ ଗ୍ରହଣ କରି ନେବାର ସନ୍ତୋଷ । ଅନ୍ୟପକ୍ଷରେ, ଅସନ୍ତୁଷ୍ଟ ସକ୍ରେଟିସ୍‌ଙ୍କ 'ସନ୍ତୋଷ' ତୁହାକୁ ତୁହା ପ୍ରଶ୍ନ ପଚାରିବାରେ, ଜୀବନକୁ କଷଟି ପଥରରେ ପ୍ରସ୍ତକୁ ପ୍ରସ୍ତ ଘଷିବାରେ -ନିର୍ମଳ ଆନନ୍ଦ ତଲାସ କରିବାରେ । ଏହା ଉଚ୍ଚତର ପର୍ଯ୍ୟାୟର ସନ୍ତୋଷ ଏବଂ ଜଣେ ବିଚାରବନ୍ତ ତଥା ସାହସୀ ଲୋକ ସର୍ବଦା ପ୍ରାଥମିକତା ଦେବ ଏଇ ପର୍ଯ୍ୟାୟର ସନ୍ତୋଷକୁ । ଏକ ଅନ୍ୱେଷଣକୁ। ଅସନ୍ତୁଷ୍ଟ ହେବାର ଅନୁରାଗକୁ । ତେବେ ଅସନ୍ତୁଷ୍ଟ ହେବାକୁ ହେଲେ କେବଳ ପୋଷାକ ଉତାରି ଦେବାକୁ ଆମେ ଯେତିକି ବୁଝିବା ନାହିଁ ସେତିକି ବୁଝିବା ପୋଷାକ ଉଭାରିବା ମୂଳରେ ପ୍ରକ୍ରିୟାଗତ ଦହନକୁ। ମନୋଭୂମିକୁ । ନିର୍ଭୋଳା ବ୍ୟକ୍ତିଗତ ଦୁଃଖକୁ ନୁହେଁ, ଦୁଃଖ ଅନ୍ତଃସ୍ଥ ଅନ୍ୟାୟକୁ। ବ୍ୟବସ୍ଥାର ଅସଂଗତିକୁ । ଅସହାୟା ମହିଳା ଜଣକ ସେଇ ଦୃଷ୍ଟିରୁ ଆମ ଅଧିକାଂଶଙ୍କୁ ଗଭୀର ନିଦରୁ ଚେଙ୍କ ଦେଇ ଉଠେଇ ଦେଇଛନ୍ତି । ନାଁ ଜାଣି ନ ଥିବା ଏବଂ ମୋଟେ ଚିହ୍ନି ନଥିବା ସେଇ ମହିଳାଙ୍କୁ 'ଆଇକନ୍' କହିଲେ ସମାଜତତ୍ତ୍ୱବିତ୍‌ମାନେ ଅସମ୍ମତ ହୁଏତ ହେବେ ନାହିଁ ବୋଲି ପ୍ରାଗଂଧିକ ମନେ କରୁଛି ।

କୁହାଯାଏ, ବ୍ୟବସ୍ଥା/ ସମାଜ ଦ୍ୱାରା ସାଧାରଣ ମଣିଷଟିଏ ପ୍ରତ୍ୟାଖ୍ୟାତ ହେବା ପରେ ବାଧ୍ୟ ହୁଏ ସାମ୍ନା କରିବା ପାଇଁ ଯେଉଁ ଦୟନୀୟ ଅସ୍ତିତ୍ୱକୁ, ସେଇ ସ୍ଥିତିରେ ଅସଲ ଅସନ୍ତୋଷ ବି ବାଟବଣା ହୋଇଯାଏ । କିନ୍ତୁ ସେଇ ସ୍ଥିତିରେ ବି ଜଣେ ଚେଷ୍ଟା କଲେ ସଚେତନ ହେବ ଏବଂ ଏକଲା ହୋଇ ଠିଆହେବ । ଅବଶିଷ୍ଟ ପୃଥିବୀ ଆପଣଙ୍କୁ ବରାବର ନିଜ ସାଥୀରେ ସାମିଲ କରିବା ପାଇଁ, ମେଣ୍ଢାଟିଏ ହୋଇ ଗୋଠରେ ମେଁ ମେଁ କରିବା ପାଇଁ ପ୍ରଲୋଭିତ କରୁଥିବ, ଅଥଚ ସେଇ ମାନସିକତା ତଥା ପ୍ରକ୍ରିୟା ବିରୋଧରେ ଯୁଦ୍ଧ ଘୋଷଣା କରି ତମାମ ଜୀବନ ଆପଣ ଏକଲା ହୋଇ ରହିଥିବେ । ସମାଜର ସଦର ଦରଜା ଆପଣଙ୍କ ପାଇଁ ବନ୍ଦ ଥିବ, କିନ୍ତୁ ଆପଣ ବାରି ହୋଇ ପଡୁଥିବେ। ହଁ, ଦରକାର ପଡ଼ିଲେ ସେଥିପାଇଁ ଆପଣଙ୍କୁ ଥରେ ଥରେ ଲଙ୍ଗଳା ଜିନ୍ସୁ ହେବାକୁ ପଡିବ । ଆଲବର୍ଟ୍ ପିଣ୍ଟୋ (ସାଇଦ୍ ମିର୍ଜାଙ୍କ ପ୍ରସିଦ୍ଧ ଚଳଚ୍ଚିତ୍ର)ପରି ଚେକାଟାଏ ପୋପାଡିବାକୁ ପଡ଼ିବ । ଆପଣ କ'ଣ ରାଜି ?

*(ସମ୍ବାଦ : ତା ୩/୨/୨୦୦୯)*